## ସଂକ୍ଷେପରେ

### ମାଣ୍ଡିମେରା ସରପଞ୍ଚ ଅଯୋଗ୍ୟ ଘୋଷିତ

**ଆର.ଉଦୟଗିରି,୧୧।୭(ଡି.ଏନ.ଏ.):** ମୋହନା ବ୍ଲକ ଅନ୍ତର୍ଗତ ମାଣ୍ଡିମେରା ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ ମାଝିଙ୍କ ପଦବୀ ଅସିଦ୍ଧ ଘୋଷଣା ହୋଇଛି। ତାଙ୍କର ୩ ସନ୍ତାନ ଥିବାରୁ ପଦ ହରାଇଛନ୍ତି। ୨୦୧୭ରେ ପ୍ରଶାନ୍ତ ସରପଞ୍ଚ ନିର୍ବାଚିତ ହୋଇଥିଲେ। ନିର୍ବାଚନର କିଛି ମାସ ପରେ ୪ ନମ୍ବର ୱାର୍ଡମେମ୍ବର ସୁରେନ୍ଦ୍ର ମାଝି ୨୦୧୮ରେ ସରପଞ୍ଚ ମାଝିଙ୍କ ୩ଟି ସନ୍ତାନ ଥିବା ନେଇ ତାଙ୍କ ବିରୋଧରେ କୋର୍ଟ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ପ୍ରାୟ ୩ ବର୍ଷ ଧରି ବିଚାରାଧୀନ ରହିଥିଲା। ପୂର୍ବତନ ଜିଲାପାଳ ଅନୁପମ ସାହା ସରପଞ୍ଚଙ୍କୁ ୨୨/୦୬ରେ ଅଯୋଗ୍ୟ ଘୋଷଣା କରିଥିବା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ଚରଣ ପାତ୍ର ସୂଚନା ଦେଇଛନ୍ତି।

### ଗଞ୍ଜାମରେ କରୋନା ମୃତ୍ୟୁ ୩୭୯କୁ ବୃଦ୍ଧି

#### ଅଡିଟ୍ ପରେ ବଢୁଛି ସଂଖ୍ୟା

**ଛତ୍ରପୁର,୧୧।୭(ଡି.ଏନ.ଏ.):** ଗଞ୍ଜାମ ଜିଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାରେ ଆଉ ୩ ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ଅଡିଟ ପରେ ସୂଚନା ଦିଆଯାଇଛି। ଏହି ସଂଖ୍ୟା ଦିନକର ନୁହେଁ ବରଂ ପୂର୍ବରୁ ହୋଇଥିବା ମୃତ୍ୟୁ ଘୋଷଣା ହେଉଛି। କରୋନାର ଦ୍ୱିତୀୟ ଲହରରେ ଜିଲାର ୧୩୧ ଜଣଙ୍କ ଜୀବନ ଗଲାଣି। ଅନ୍ୟପକ୍ଷରେ ପ୍ରଥମ ଓ ଦ୍ୱିତୀୟ ଲହରରେ ଏଯାବତ ୩୭୯ ଜଣଙ୍କ ମୃତ୍ୟୁ ଘଟିଲାଣି। ସେପଟେ ଜିଲାରେ ଆଉ ୧୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ଜିଲାରେ ୧୧୮ ଜଣ ସକ୍ରିୟ କରୋନା ରୋଗୀ ଅଛନ୍ତି।

### ଗ୍ରାମସଭା ମୋବିଲାଇଜରଙ୍କ ସମୀକ୍ଷା ବୈଠକ

**ନୂଆଗଡ଼,୧୧।୭:** ଗଜପତି ଜିଲା ନୂଆଗଡ଼ ବ୍ଲକ ପଞ୍ଚାୟତ ସମିତି ସଭାବନା ସଭାଗୃହରେ ରବିବାର ଗ୍ରାମସଭା ମୋବିଲାଇଜରମାନଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିପିଓ ପ୍ରଭାକର ସାହୁ ଉପସ୍ଥିତ ଥିଲେ। ପେସା ଆଇନ, ଅନୁସୂଚିତ ଜନଜାତି ଅଞ୍ଚଳରେ ପେସାର ଭୂମିକା, ପଞ୍ଚାୟତ ସ୍ତରରେ ଗ୍ରାମସଭା ମୋବିଲାଇଜରର କର୍ତ୍ତବ୍ୟ ଏବଂ ପଲ୍ଲୀସଭା ଓ ଗ୍ରାମସଭା ବିଷୟରେ ସମୀକ୍ଷା କରିବା ସହିତ ପେସା ଆଇନକୁ ଅନୁସୂଚିତ ଜନଜାତିର ଉନ୍ନତି ନିମନ୍ତେ କିପରି କାର୍ଯ୍ୟକ୍ଷମ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ପେସା ବ୍ଲକ ସଂଯୋଜକ ଦାନକ୍ରିତ ଛିଞ୍ଚାଣି ବୈଠକ ପରିଚାଳନା କରିଥିଲେ। ଏଥିରେ ବ୍ଲକର ସମସ୍ତ ପେସା ଗ୍ରାମସଭା ମୋବିଲାଇଜର ଉପସ୍ଥିତ ଥିଲେ।

### ଆଇନଜୀବୀଙ୍କ ବିୟୋଗରେ ଶୋକ

**ଜି.ଉଦୟଗିରି,୧୧।୭(ଡି.ଏନ.ଏ.):** କନ୍ଧମାଳ ଜିଲାର ଆଇନଜୀବୀ ପାଉଲ ପ୍ରଧାନଙ୍କ ବିୟୋଗରେ ରବିବାର ଜି.ଉଦୟଗିରି ବାର୍ ଆସୋସିଏଶନ ତରଫରୁ ଶୋକ ପ୍ରକାଶ କରାଯାଇଛି। ବାର୍ ଆସୋସିଏଶନ ସଭାପତି ଦୀପକ ଭରଦ୍ୱାଜଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ପ୍ରଧାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ପଣ୍ଡା, ଫ୍ରାଙ୍କ୍‌ଲିନ ନାୟକ, ସୁଧାଂଶୁ ଆଚାର୍ଯ୍ୟ, ଶ୍ୟାମଲ ରାଓ ଆଚାରୀ, କିଶୋର ପ୍ରଧାନ ପ୍ରମୁଖଙ୍କ ସମେତ ସମ୍ପାଦକ ରମେଶ ବେହେରା ଯୋଗ ଦେଇଥିଲେ।

# କ୍ରୀଡ଼ାବିତ୍‌ଙ୍କ ବିକାଶରେ ବାଧକ ସାଜିଛି ଅର୍ଥ

## ସୁବିଧାରୁ ବଞ୍ଚିତ ୨୦ କି.ମି. ରେସ୍ ୱାକ୍ ପ୍ରତିଯୋଗୀ

ବ୍ରହ୍ମପୁର ଅଫିସ,୧୧।୭

ବ୍ରହ୍ମପୁର ସହରରେ କ୍ରୀଡ଼ା କ୍ଷେତ୍ରରେ ବହୁ ପ୍ରତିଭାଧାରୀ ଅଛନ୍ତି। ଏଭଳି ଜଣେ କ୍ରୀଡ଼ାବିତ୍ ହେଉଛନ୍ତି କୃଷ୍ଣ ଚନ୍ଦ୍ର ଆଚାରୀ (୨୧)। ୨୦ କି.ମି.ରେସ୍ ୱାକ୍ କ୍ରୀଡ଼ା କ୍ଷେତ୍ରରେ କୃଷ୍ଣ ଗତ ୪ ବର୍ଷ ଧରି ନିଜ କ୍ଷେତ୍ରରେ ସଫଳ କ୍ରୀଡ଼ା ପ୍ରଦର୍ଶନ କରି ଆସୁଛନ୍ତି। ତିନି ଥର ରାଜ୍ୟସ୍ତରୀୟ ୨୦ କି.ମି. ରେସ୍ ୱାକ୍ ଚାମ୍ପିୟନ ହେବା ସହ ଇଷ୍ଟ ଜୋନ୍ ଚାମ୍ପିୟନ ହୋଇଛନ୍ତି। କିନ୍ତୁ ବର୍ତ୍ତମାନ ଦୀର୍ଘ ଏକ ବର୍ଷ ହେବ ଆର୍ଥିକ ଦୁରବସ୍ଥା ଯୋଗୁ ନିଜକୁ ଏହି କ୍ରୀଡ଼ାରୁ ଦୂରେଇ ରଖିଛନ୍ତି। ୮ ମାସ ପୂର୍ବରୁ ପିତା ଉଦୟ ନାଥ ଆଚାର୍ଯ୍ୟଙ୍କ ମୃତ୍ୟୁ ହେବାରୁ ଅର୍ଥ ପ୍ରତିବନ୍ଧକ ସାଜିଛି । କୃଷ୍ଣ ବର୍ତ୍ତମାନ ଯୁକ୍ତ ୩ ଶେଷ ବର୍ଷ ପାଠପଢ଼ା ଓ କ୍ରୀଡ଼ାଭ୍ୟାସ ବନ୍ଦ ସହ ବିଭିନ୍ନ ବ୍ୟବସାୟ କରି ପରିବାରର ଆର୍ଥିକ ଗୁଜୁରାଣ ପୂରଣ କରୁଛନ୍ତି। ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ



କୋଚ୍‌ଙ୍କ ସହ କ୍ରୀଡ଼ାବିତ୍ କୃଷ୍ଣ ଚନ୍ଦ୍ର ଆଚାରୀ

ଆଥ୍‌ଲେଟ ମିଟ୍ ୧୯ ବର୍ଷରୁ କମ୍ ବର୍ଗରେ ଭାଗନେଇ ଥରେ ବ୍ରୋଞ୍ଜ ଏବଂ ଦୁଇ ଥର ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ୨୦୨୦ ରେ ଇଷ୍ଟଜୋନ ଆଥ୍‌ଲେଟ ମିଟ୍‌ରେ ଓଡ଼ିଶାର ୫୨ଜଣ ଖେଳାଳିଙ୍କ ମଧ୍ୟରୁ ଗଞ୍ଜାମର ଜଣେ କ୍ରୀଡ଼ାବିତ୍ ଭାବେ ଭାଗନେଇ ଚାମ୍ପିୟନ ହୋଇଥିଲେ। ୨୦୨୦ରେ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ କଟକ ହଷ୍ଟେଲରେ ରହିବାର ସୁଯୋଗ ମିଳିଥିଲା। କିନ୍ତୁ ଏହି ସମୟରେ ବାପାଙ୍କ ଦେହାନ୍ତ ସହ ପରିବାର ଦାୟିତ୍ୱ ଓ ଅର୍ଥାଭାବରୁ ସେ ଏଥିରୁ ନିବୃତ୍ତ ରହିଥିଲେ। ବର୍ତ୍ତମାନ ଘରେ ଦୁଇଭାଇ,ଜଣେ ଭଉଣୀ ଏବଂ ମା' ଅଛନ୍ତି। ପାରିବାରିକ ବୋଝ ସମ୍ଭାଳିବା ନିମନ୍ତେ ବଡ଼ ଭାଇଙ୍କ ସହ ମିଶି ବ୍ୟବସାୟରେ ସହଯୋଗ କରିବାକୁ ପଡୁଛି। ଏତେସବୁ ପରେ ମଧ୍ୟ କ୍ରୀଡ଼ା ପ୍ରତି ଥିବା ତାଙ୍କ ଆଗ୍ରହ ଯୋଗୁ ନିୟମିତ ୪ ଘଣ୍ଟା ଅଭ୍ୟାସ ଜାରି ରଖିଛନ୍ତି। ଏନେଇ ଗଞ୍ଜାମ ଜିଲା କ୍ରୀଡ଼ା ସଂଘ କୋଚ୍ ସୁରେନ୍ଦ୍ର କୁମାର ପଟ୍ଟନାୟକ କୁହନ୍ତି, ପ୍ରତିକୂଳ ପରିବେଶକୁ ସାମ୍ନାକରି କୃଷ୍ଣ ଆଗେଇ ଆସୁଛନ୍ତି। ମୁଖ୍ୟତଃ ବ୍ରହ୍ମପୁର ସହରରେ ଏହି କ୍ରୀଡ଼ା କ୍ଷେତ୍ରରେ କୌଣସି ସୁବିଧା ନାହିଁ। ଭିତ୍ତିଭୂମିର ଘୋର ଅଭାବ ରହିଛି। ଅଭ୍ୟାସ ନିମନ୍ତେ ନିୟମିତ ତାଙ୍କୁ ଗୋପାଳପୁରରୁ ବ୍ରହ୍ମପୁର ଜାତୀୟ ରାଜପଥ ଉପରେ ନିର୍ଭର କରିବାକୁ ପଡ଼େ। ବର୍ତ୍ତମାନ ୨୦ କି.ମି.ରେସ୍ ୱାକ୍ ଅତିକ୍ରମ କରିବା ନିମନ୍ତେ କୃଷ୍ଣଙ୍କୁ ମାତ୍ର ୧ ଘଣ୍ଟା ୩୫ ମିନିଟ ସମୟ ଲାଗେ। ଜଣେ ଉତ୍ତମ ଖେଳାଳି ହେବା ନିମନ୍ତେ ଉତ୍ତମ ଖାଦ୍ୟ, ନିୟମିତ ଅଭ୍ୟାସ, ଆବଶ୍ୟକ ଭିତ୍ତିଭୂମି, କ୍ରୀଡ଼ା ସାମଗ୍ରୀ ଓ ବିଶ୍ରାମ ନିହାତି ଆବଶ୍ୟକ। କିନ୍ତୁ ଏ ସବୁ ବର୍ତ୍ତମାନ ତାଙ୍କ ପାଇଁ କେବଳ ସ୍ୱପ୍ନ। ସ୍ୱପ୍ନର ଯଦି ମିଳନ୍ତି ତେବେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା କିମ୍ବା ଅନ୍ତର୍ଜାତୀୟ ଓ ଅଲିମ୍ପିକ୍‌ରେ ଭାଗ ନେବା ନିମନ୍ତେ ତାଙ୍କ ପଥ ପରିଷ୍କାର ହୋଇପାରିବ ବୋଲି କୃଷ୍ଣ ଆଶା ରଖିଛନ୍ତି।

# ପୋଖରୀ ଲିଜ୍‌କୁ ନେଇ ଗୋଷ୍ଠୀ ସଂଘର୍ଷ

## ୫ରୁ ଊର୍ଦ୍ଧ୍ୱ ଆହତ, ୫ ଅଟକ

କବିସୂର୍ଯ୍ୟନଗର,୧୧।୭

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ପାଇକଜମୁନା ଗାଁରେ ରବିବାର ପୋଖରୀ ଲିଜକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଛି। ମାଛ ପୋଖରୀ ଲିଜ୍‌କୁ ନେଇ ହୋଇଥିବା ଏହି ସଂଘର୍ଷରେ ଉଭୟ ଗୋଷ୍ଠୀର ୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନେ କବିସୂର୍ଯ୍ୟନଗର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଏହି ଘଟଣାରେ ୫ ଜଣଙ୍କୁ ଅଟକ ରଖିଛି।

ପୋଖରୀ ଲିଜ୍‌କୁ ନେଇ ରବିବାର ଗ୍ରାମରେ ଏକ ବୈଠକ ଚାଲିଥିଲା। ବୈଠକରେ ଦୁଇ ଗୋଷ୍ଠୀ ମଧ୍ୟରେ କଥା କଟାକଟିରୁ ସଂଘର୍ଷ ଆରମ୍ଭ ହୋଇଥିଲା। ଏପରିକି କାତି ଓ ଇଟାରେ ଆକ୍ରମଣ, ପ୍ରତିଆକ୍ରମଣ ହେବାରୁ ଉଭୟ ଗୋଷ୍ଠୀର ୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଉଭୟ ଗୋଷ୍ଠୀର ୫ ଯୁବକଙ୍କୁ ଅଟକ ରଖିଛି। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା କୌଣସି ଗୋଷ୍ଠୀ ପକ୍ଷରୁ ଥାନାକୁ ଅଭିଯୋଗ ଆସି ନ ଥିବା ଥାନାଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି। ଗ୍ରାମରେ ଦୀର୍ଘ ବର୍ଷ ହେଲା ଏପରି ଅଶାନ୍ତି ଲାଗି ରହିଥିବାରୁ ଏହାର ସମାଧାନ ଶାନ୍ତି କମିଟି ଓ ପୋଲିସ ପ୍ରଶାସନ ମାଧ୍ୟମରେ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ଲାଷ୍ଟିକ୍ ବୋତାମରେ ନନ୍ଦିଘୋଷ ନିର୍ମାଣ କଲେ ସତ୍ୟ



ପ୍ଲାଷ୍ଟିକ୍ ବୋତାମରେ ନିର୍ମିତ ନନ୍ଦିଘୋଷ।

ବ୍ରହ୍ମପୁର ଅଫିସ,୧୧।୭

ରଥଯାତ୍ରା ଉପଲକ୍ଷେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ପ୍ଲାଷ୍ଟିକ୍ ବୋତାମରେ ଅବିକଳ ନନ୍ଦିଘୋଷ ରଥ ନିର୍ମାଣ କରିଛନ୍ତି। ସେ ନିର୍ମାଣ କରିଥିବା ରଥର ଉଚ୍ଚତା ୧୧ ଇଞ୍ଚ ରହିଥିବା ବେଳେ ଓସାର ୮ ଇଞ୍ଚ ରହିଛି। ଯେଉଁଥିରେ ୪ଘୋଡ଼ା, ୧୬ ଚକ, ଦଧିନଉତି, ୨ଟି ଓଲଟା ସୁଆ ଓ ସାରଥି ରହିଛନ୍ତି। ଏଥିସହ ଜଗନ୍ନାଥଙ୍କ କଳାକୃତି ପ୍ଲାଷ୍ଟିକ୍ ବୋତାମରେ ନିର୍ମିତ ହୋଇଥିବା ସତ୍ୟ କହିଛନ୍ତି। ଏହି ରଥ ନିର୍ମାଣ କରିବା ନିମନ୍ତେ ୧୦୯୭ ପ୍ଲାଷ୍ଟିକ୍ ବୋତାମ ବ୍ୟବହୃତ ହୋଇଛି। ଆଗାମୀ ଦିନରେ ଏହାକୁ ସେ ରେକର୍ଡ ନିମନ୍ତେ ଆବେଦନ କରିବେ ବୋଲି କହିଛନ୍ତି।

# ମହିଳା ବିଜେଡି ନୂଆ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୧୧।୭

ମହିଳା ବିଜେଡି ନେତ୍ରୀମାନେ ସବୁ ନିର୍ବାଚନ ମଣ୍ଡଳୀରେ ସମାବେଶ କରି ନବୀନ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ମୁଖ୍ୟତଃ ମହିଳାମାନଙ୍କୁ ସଚେତନ କରାଇବା ପାଇଁ ଆହ୍ୱାନ ଦିଆଯାଇଛି। ଗଞ୍ଜାମ ଜିଲା ବିଜେଡି ପକ୍ଷରୁ ନବନିଯୁକ୍ତ ମହିଳା ବିଜେଡି କର୍ମକର୍ତ୍ତାଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଆସିକା ଏମପି ପ୍ରମିଳା ବିଶୋୟୀଙ୍କ ସମେତ ଲତିକା ପ୍ରଧାନ, ସୂର୍ଯ୍ୟମଣି ବୈଦ୍ୟ, ବିକ୍ରମ ପଣ୍ଡା, ସୁବାସ ଚନ୍ଦ୍ର ବେହେରା, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ବିଧାୟିକା ଓ ବିଧାୟକମାନେ ଉପସ୍ଥିତ ଥିଲେ। ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ରାଜ୍ୟ ସମ୍ପାଦକ ସୁବାସ ମହାରଣା ଯୋଗ ଦେଇଥିବା ବେଳେ ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଏହି ଅବସରରେ ମହିଳା ବିଜେଡି ରାଜ୍ୟ



ସମାବେଶରେ ବିଜେଡି ନେତୃବୃନ୍ଦ।

## ଗଞ୍ଜାମ ଜିଲା ସଂଗଠନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଉପଦେଷ୍ଟା ଲତିକା ଓ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଗଞ୍ଜାମ ଜିଲା ସଭାନେତ୍ରୀ ଏମ.ସୁଜାତା ପାତ୍ର, ଗଞ୍ଜାମ ଜୋନ ସଭାନେତ୍ରୀ ମମତା ବିଶୋୟୀ, ରାଜ୍ୟ ଉପସଭାନେତ୍ରୀ ତଥା ବିଏମସି ପୂର୍ବତନ ମେୟର କେ. ମାଧବୀ, ରାଜ୍ୟ ସାଧାରଣ ସମ୍ପାଦିକା ଜ୍ୟୋତ୍ସ୍ନା ପାଢ଼ୀ ଓ କଳ୍ପନା ଭୋଳ ଏବଂ ସମ୍ପାଦିକା ମଞ୍ଜୁଶ୍ରୀ ଦଳାଇ ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ସାରା ଦେଶରେ ଚହଳ ସୃଷ୍ଟି କରିଥିବା ମତ ପ୍ରକାଶ ପାଇଥିଲା। ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ଲାଗି ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସର ପ୍ରଶଂସା କରାଯାଇଥିଲା। ଲୋକସଭାରେ ଏହି ବିଲ ମୋଦୀ ସରକାର ପାରିତ କରୁ ନ ଥିବାରୁ ନବ ନିଯୁକ୍ତ ମହିଳା ବିଜେଡି କର୍ମକର୍ତ୍ତାମାନେ ତୀବ୍ର ସ୍ୱର ଉତ୍ତୋଳନ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ପୂର୍ବତନ ବିଏମସି ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକଙ୍କ ସମେତ ଅନେକ ମହିଳା କର୍ମୀ ଉପସ୍ଥିତ ଥିଲେ।

# ଶାଶୁ, ଶ୍ୱଶୁର ଓ ନଣନ୍ଦ କୋର୍ଟ ଚାଲାଣ

## ଯୌତୁକଜନିତ ହତ୍ୟା ମାମଲା

ବ୍ରହ୍ମପୁର ଅଫିସ,୧୧।୭

ବ୍ରହ୍ମପୁର ସଦର ଥାନା ପୋଲିସ ରବିବାର ଏକ ଯୌତୁକଜନିତ ହତ୍ୟା ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମନ୍ଦାକିନୀ ସ୍ୱାଇଁଙ୍କ ଶାଶୁ ଝୁନୁ ସ୍ୱାଇଁ, ଶ୍ୱଶୁର ଜଳନ୍ଧର ସ୍ୱାଇଁ ଓ ନଣନ୍ଦ ଜିତୁନୁ ସ୍ୱାଇଁ। ମାମଲା ନଂ.୧୬୩/୨୧ରେ ସେମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ମନ୍ଦାକିନୀ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ତାଙ୍କ ସ୍ୱାମୀ ମିଥୁନ ସ୍ୱାଇଁଙ୍କୁ ପୋଲିସ ପୂର୍ବରୁ ମେ' ୨୭ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସଦର ଥାନା ଅନ୍ତର୍ଗତ ବଉଳଖୋଲି ଗ୍ରାମର ସୁରେନ୍ଦ୍ର ପାତ୍ରଙ୍କ ଝିଅ ମନ୍ଦାକିନୀଙ୍କୁ ରୋହିଗାଁର ମିଥୁନ ବିବାହ କରିଥିଲେ। ଗତ ମେ' ୨୬ ତାରିଖ ରାତିରେ ମନ୍ଦାକିନୀଙ୍କ ମୃତ୍ୟୁ ଘଟିଥିବା ଖବର ପାଇ ତାଙ୍କ ମା' ଲକ୍ଷ୍ମୀ ପାତ୍ର ଓ ଭାଇ ପ୍ରକାଶ ବଉଳଖୋଲି ଗ୍ରାମରେ ପହଞ୍ଚିଥିଲେ। ଝିଅକୁ ଅଧିକ ଯୌତୁକ ଦାବି କରି ତାଙ୍କ ଶ୍ୱଶୁର ଘର ଲୋକ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏଣୁ ମିଥୁନ ଓ ତାଙ୍କ ପରିବାର ଲୋକ ମନ୍ଦାକିନୀଙ୍କ ତଣ୍ଟି ଚିପି ହତ୍ୟା କରିଛନ୍ତି ବୋଲି ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ପ୍ରଥମେ ମିଥୁନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ଗଜପତିରେ ୮ ସଂକ୍ରମିତ, ୬ ସୁସ୍ଥ

ପାରଳାଖେମୁଣ୍ଡି,୧୧।୭(ଡି.ଏନ୍.ଏ.)

ଗଜପତି ଜିଲାରେ ଶନିବାର ଜିଲାରେ ୧୧୨୩ ଜଣଙ୍କ କରୋନା ପରୀକ୍ଷା ହୋଇଥିବା ବେଳେ ସେଥିରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ରବିବାର ସୂଚନା ଦିଆଯାଇଛି। ଏମାନଙ୍କୁ ମିଶାଇଲେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯,୨୭୦ରେ ପହଞ୍ଚିଛି। ସେଥିମଧ୍ୟରୁ ୯୨୨୯ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତ ପାରଳାଖେମୁଣ୍ଡି, ଗୋସାଣି, ଗୁମ୍ମା, ରାୟଗଡ, ନୂଆଗଡ଼ ଓ ଆର୍ ଉଦୟଗିରିରୁ ଜଣେ ଲେଖାଏ ଓ ମୋହନା ବ୍ଲକରୁ ୨ ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଆଉ ୬ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

# ଆଦର୍ଶ ବିଦ୍ୟାଳୟରେ ଯୁକ୍ତ ୨ ଖୋଲିବାକୁ ସ୍ୱୀକୃତି



ଭାଟକୁମରଡା ଆଦର୍ଶ ବିଦ୍ୟାଳୟ।

ପୁରୁଷୋତ୍ତମପୁର,୧୧।୭(ଡି.ଏନ.ଏ.)

ପୁରୁଷୋତ୍ତମପୁର ବ୍ଲକ ଭାଟକୁମରଡା ଆଦର୍ଶ ବିଦ୍ୟାଳୟରେ ଯୁକ୍ତ ଦୁଇ ଶ୍ରେଣୀ ଖୋଲିବା ଲାଗି ଓଡ଼ିଶା ସରକାରଙ୍କ ଆଦର୍ଶ ବିଦ୍ୟାଳୟ ସଂଗଠନ ପକ୍ଷରୁ ସ୍ୱୀକୃତି ମିଳିଛି। ଯାହା ଦ୍ୱାରା ଚଳିତ (୨୦୨୧-୨୨) ଶିକ୍ଷାବର୍ଷରେ ଛାତ୍ରୀଛାତ୍ରମାନେ ନାମ ଲେଖାଇବେ। ଏଠାରେ ଯୁକ୍ତ ଦୁଇ ଶ୍ରେଣୀ ନ ଥିବାରୁ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିଲେ। ଏ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଦାବିକୁ ଗୁରୁତ୍ୱ ଦେଇ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସୀତାରାମ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ରାଜ୍ୟର ୪୦ ବିଦ୍ୟାଳୟକୁ ସ୍ୱୀକୃତି ମିଳିଥିବା ବେଳେ ଭାଟକୁମରଡ଼ା ସହ ବେଗୁନିଆପଡା ବ୍ଲକ ରାଜପୁର ଓ ସାନଖେମୁଣ୍ଡି ବ୍ଲକ ଛଣମେରିଠାରେ ଥିବା ଆଦର୍ଶ ବିଦ୍ୟାଳୟକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ବିଜ୍ଞାପନ ପ୍ରକାଶ ପାଇବା ପରେ ନାମଲେଖା ହେବ ବୋଲି ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର କହିଛନ୍ତି।

# ୧୫ରେ ବାମପନ୍ଥୀ ଦଳର ଓଡ଼ିଶା ବନ୍ଦ ଡାକରା

## ସକାଳ ୬ରୁ ମଧ୍ୟାହ୍ନ ୧୨ ଯାଏ ପ୍ରତିବାଦ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବାମପନ୍ଥୀ ଦଳର କର୍ମୀ।

ବ୍ରହ୍ମପୁର ଅଫିସ,୧୧।୭

ପେଟ୍ରୋଲ, ଡିଜେଲ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପ୍ରତିବାଦରେ ବିଭିନ୍ନ ବାମପନ୍ଥୀ ଦଳ ପକ୍ଷରୁ ଆସନ୍ତା ୧୫ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହା ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଚାଲିବ । ଏ ନେଇ ରବିବାର ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ଠାରେ ସିପିଆଇ, ସିପିଆଇ(ଏମ୍) ଓ ଫରୱାର୍ଡ ବ୍ଲକ ପ୍ରମୁଖ ବାମପନ୍ଥୀ ଦଳ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପେଟ୍ରୋଲ ଓ ଡିଜେଲ ଉପରେ ଟିକସ ବୃଦ୍ଧି ଯୋଗୁ ତେଲ ଲିଟର ପିଛା ଦର ୧୦୦ ଟପିଛି। ଯାହାର ପ୍ରଭାବ ମାଲ ଓ ଯାତ୍ରୀ ପରିବହନ ଉପରେ ପଡୁଥିବା ବାମପନ୍ଥୀ ଦଳ ଅଭିଯୋଗ କରିଛନ୍ତି। ତୈଳଜାତ ସାମଗ୍ରୀର ଦର ବୃଦ୍ଧି ମଧ୍ୟ ଘଟିଛି। ଏଥିସହ ୨୩ଟି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ଅତ୍ୟାବଶ୍ୟକ ଦ୍ରବ୍ୟ ତାଲିକାରୁ ବାଦ୍ ଦିଆଯିବା ଫଳରେ ଖାଇବା ତେଲ, ଡାଲି, ଆଳୁ, ପିଆଜ, ଚିନି ଓ ଔଷଧ ଦର ଆକାଶଛୁଆଁ ହୋଇଛି ବୋଲି ଦଳ କହିଛି। ଫଳରେ ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ କ୍ଷେତ୍ରରେ ଚଡ଼କ ସାଜିଛି। ଅନ୍ୟପଟେ ରନ୍ଧନ ଗ୍ୟାସର ଦର ୩୦୦ ଟଙ୍କାରୁ ୯୦୦ ଟଙ୍କାକୁ ବୃଦ୍ଧି ପାଇଛି। ଏଥିସହ କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଗ୍ୟାସର ପ୍ରତିଶ୍ରୁତି ଅନ୍ଧାର ଘେରରେ ରହିଥିବା ଦଳ ଅଭିଯୋଗ କରିଛି। ଏଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପେଟ୍ରୋଲ, ଡିଜେଲ ଉପରୁ ଅବକାରୀ ଶୁଳ୍କ ଓ ଭାଟ୍ ଟିକସ ହ୍ରାସ, ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ବନ୍ଦ କରିବା, କଳାବଜାରକାରୀ, ମହଜୁଦକାରୀଙ୍କୁ ଜବତ କରିବା ଭଳି ବିଭିନ୍ନ ଦାବି ସମୂହକୁ ନେଇ ବନ୍ଦ ଡାକରା ଦିଆଯାଇଥିବା ବାମପନ୍ଥୀ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ସମ୍ମିଳନୀରେ ସିପିଆଇ(ଏମ୍) ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ, ସିପିଆଇ ଜିଲା ସାଧାରଣ ସମ୍ପାଦକ ପ୍ରକାଶ ପାତ୍ର, ବ୍ରହ୍ମପୁର ସମ୍ପାଦକ କାମଦେବ ନାହାକ, ଫରୱାର୍ଡ ବ୍ଲକ ଜିଲା ସାଧାରଣ ସମ୍ପାଦକ ସମରଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୧୭ରୁ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଧାରଣା

ବ୍ରହ୍ମପୁର ଅଫିସ,୧୧।୭

ଗଞ୍ଜାମ ଜିଲା ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଆସନ୍ତା ୧୭ ତାରିଖରେ ୧୪ ଦଫା ଦାବି ସମୂହକୁ ନେଇ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଦେବା ନେଇ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ରବିବାର ସଂଘ ପକ୍ଷରୁ ଗେଟ୍ ବଜାର ସ୍ଥିତ ଏନ୍‌ଜିଓ ହଲ୍‌ଠାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କୋଭିଡ୍ କାର୍ଯ୍ୟରେ ନିୟୋଜିତ ହୋଇ ମୃତ୍ୟୁବରଣ କରିଥିବା ରାଇସିଙ୍ଗି ୟୁପି ସ୍କୁଲ ଶିକ୍ଷକଙ୍କୁ ଆର୍ଥିକ ସହାୟତା, ପ୍ରାଥମିକ ଶିକ୍ଷକଙ୍କ ପ୍ରୋଭିଜନାଲ୍ ଗ୍ରେଡେଶନ୍ ତାଲିକା ସଂଶୋଧନ, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏମ୍ଏସିପି ପ୍ରଦାନ, ୟୁଏଲ୍‌ବି ସରକାରୀ ବିଦ୍ୟାଳୟ ଗୁଡ଼ିକରେ ସରକାରଙ୍କ





ଖବରଦାତା ସମ୍ମିଳନୀରେ ସଂଘର କର୍ମକର୍ତ୍ତା।

ଦ୍ୱାରା ଅନୁମୋଦିତ ଶିକ୍ଷକ ପଦବୀ ପୂରଣ, ୨୦୦୪ରୁ ୟୁଏଲ୍‌ବିରୁ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବାର୍ଦ୍ଧକ୍ୟ ଭତ୍ତା, କୋଭିଡ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ଦେଇପାରି ନ ଥିବା ଶିକ୍ଷକଙ୍କୁ ଦରମା ପ୍ରଦାନ, ହିନ୍ଦୀ ଅଣତାଲିମପ୍ରାପ୍ତ ଶିକ୍ଷକଙ୍କୁ ପରିମାର୍ଜିତ ଦରମା, ବୃତ୍ତି ଶିକ୍ଷକଙ୍କୁ ଏନ୍‌ଓସି ପ୍ରଦାନ ଭଳି ବିଭିନ୍ନ ଦାବି ସମୂହକୁ ନେଇ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ରବିବାର ଅନୁଷ୍ଠିତ ସମ୍ମିଳନୀରେ ଓଷ୍ଟା ସଭାପତି ହିମାଂଶୁ କୁମାର ପଟ୍ଟନାୟକ, ଛତ୍ରପୁର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପଞ୍ଚାନନ ତ୍ରିପାଠୀ, ବ୍ରହ୍ମପୁର ଏଲିମେଣ୍ଟାରୀ ଶିକ୍ଷକ ସଂଘ ସଭାପତି ରାଜେଶ କୁମାର ତାରିଣୀ, ପ୍ରଧାନ ଶିକ୍ଷକ ଫୋରମ୍ ସଭାପତି ଲିଙ୍ଗରାଜ ସ୍ୱାଇଁ, ଓଷ୍ଟା ସମ୍ପାଦକ ବିଜୟ କୁମାର ବେହେରା ଓ ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ସଂଘ ରାଜ୍ୟ ସଭାପତି ପ୍ରସନ୍ନ କୁମାର ପତିଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

# ବିଜେଡିର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣକୁ ଗୁରୁତ୍ୱ

- ଭଡ଼ା ଘରେ ଗଞ୍ଜାମ ଜିଲା କାର୍ଯ୍ୟାଳୟ
- ବ୍ରହ୍ମପୁରରେ ଅଛି କଂଗ୍ରେସ, ବାମପନ୍ଥୀ ଦଳର ସ୍ଥାୟୀ ଅଫିସ

ବ୍ରହ୍ମପୁର ଅଫିସ,୧୧।୭

ବିଜୁ ଜନତା ଦଳ (ବିଜେଡି) ପ୍ରତିଷ୍ଠାର ଦୁଇ ଦଶନ୍ଧି ବିତିଛି। ରାଜନୈତିକ ଦୃଷ୍ଟିକୋଣରୁ ଗଞ୍ଜାମ ଜିଲା ଏହି ଦଳର ଦୁର୍ଗ ହୋଇଛି। ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଭାବରେ ଗଞ୍ଜାମ ଜିଲାରେ ବିରୋଧୀ ଦଳ ରସାତଳଗାମୀ ହୋଇଯାଇଛି। ଦଳ କ୍ଷମତାସୀନ ହେବାର ଦୁଇ ଦଶନ୍ଧି ଅତିକ୍ରମ କରିଛି। ତେବେ ଏଯାବତ ଜିଲା ସଂଗଠନର ନିଜସ୍ୱ କାର୍ଯ୍ୟାଳୟ ନ ଥିବା ଉଦ୍‌ବେଗର କାରଣ ହୋଇଛି। ବ୍ରହ୍ମପୁର ସହରରେ ଏକ ଭଡ଼ାଘରେ ଖୋଲାଯାଇଛି ବିଜେଡିର ଜିଲା ଅଫିସ। ତାହା ପୁଣି ୩ ବର୍ଷ ତଳେ ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ, ବିଜେଡି ପ୍ରତିଷ୍ଠା ହେବା ପରେ ପ୍ରଥମେ ଜଗନ୍ନାଥପ୍ରସାଦ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ମାଧବାନନ୍ଦ ବେହେରା ଜିଲା ସଭାପତି ହୋଇଥିଲେ। ଦ୍ୱିତୀୟରେ ଗଞ୍ଜାମ ଜିଲା ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ରେବତୀ ମୋହନ ନାୟକଙ୍କୁ ସଭାପତି କରାଯାଇଥିଲା। ତାଙ୍କ କାର୍ଯ୍ୟକାଳ ସରିବା ପରେ ସୁବାସ ଚନ୍ଦ୍ର ମହାରଣା ଲଗାତର ଭାବେ ୩ ଥର ଜିଲା ସଭାପତି ଭାବେ ନିର୍ବାଚିତ ହୋଇ ଦଳରେ ହ୍ୟାଟ୍ରିକ ଅର୍ଜନ ସହ ରେକର୍ଡ ସୃଷ୍ଟି କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଆସିକା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ଦେବରାଜ ମହାନ୍ତି ସଭାପତି ପଦ ପାଇଥିଲେ। ମାତ୍ର ବର୍ଷେ ଦୁଇ ମାସ ପରେ ତାଙ୍କୁ ହଟାଇ ଦିଆଗଲା। ପରେ ମନ୍ତ୍ରୀ ପଦରେ ଥାଇ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଜିଲା ସଭାପତି ହୋଇଥିଲେ।

ମାଧବାନନ୍ଦଙ୍କଠାରୁ ଦେବରାଜ ମହାନ୍ତିଙ୍କ କାର୍ଯ୍ୟକାଳ ଶେଷ ଯାଏ ଗଞ୍ଜାମ ଜିଲାରେ ବିଜେଡି କାର୍ଯ୍ୟାଳୟ ନ ଥିଲା। ପ୍ରଦୀପ ସଭାପତି ହେବା ପରେ ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ ରୋଡ୍‌ରେ ଭଡ଼ା ଘରେ ଅଫିସ ଖୋଲିଥିଲେ। ବିଭିନ୍ନ କାରଣରୁ ସେ ଦଳରୁ ବିତାଡ଼ିତ ହେଲେ। ତେଣୁ ୨୦୨୦ ଫେବୃୟାରୀରେ ବ୍ରହ୍ମପୁର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ସଭାପତି କରାଯାଇଛି। ସେ ଦାୟିତ୍ୱ ନେବା ପରେ ପ୍ରଦୀପଙ୍କ ସମୟରେ ଖୋଲାଯାଇଥିବା ଜିଲା ଅଫିସ ଭାବାନଗରକୁ ସ୍ଥାନାନ୍ତର କରିଛନ୍ତି। ସେହି ଭଡ଼ାଘର କାର୍ଯ୍ୟାଳୟ କରୋନା ମହାମାରୀ ଯୋଗୁ ବର୍ଷାଧିକ ହେଲା ତାଲା ବନ୍ଦ କରାଯାଇଛି।

ବ୍ରହ୍ମପୁରରେ ବହୁ ବର୍ଷର ବାପୁଜୀ ଆଶ୍ରମ ଜିଲା କଂଗ୍ରେସର ନିଜସ୍ୱ କାର୍ଯ୍ୟାଳୟ ହୋଇଛି। ବାମପନ୍ଥୀ ସିପିଏମ୍‌ର ନିଜସ୍ୱ କାର୍ଯ୍ୟାଳୟ ହିଲ୍‌ପାଟଣାରେ ଅଛି। ପାର୍କ ସାହିରେ ସିପିଆଇ ଜିଲା ଅଫିସ ରହିଛି। ଭାଜପାର ଜିଲା କାର୍ଯ୍ୟାଳୟ ଷ୍ଟେଶନ ରୋଡସ୍ଥ ଏକ ଭଡ଼ାଘରେ ଖୋଲାଯାଇଛି। ଲାଞ୍ଜିପଲ୍ଲୀ ଜାତୀୟ ରାଜପଥ ପାଖରେ ନିଜସ୍ୱ ଅଫିସ ପାଇଁ ବିଶାଳ ଜମି ନିଆଯାଇଛି। ଅତ୍ୟାଧୁନିକ ବିଲଡିଂ ନିର୍ମାଣର ଯୋଜନା କରାଯାଇଛି। ନକ୍ସା ପ୍ରସ୍ତୁତ ହୋଇଛି ଏବଂ ଏକ ନାମୀଦାମୀ ଉଦ୍ୟୋଗକୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିବା ନେତାଙ୍କ ପକ୍ଷରୁ କୁହାଯାଇଛି। ଏଭଳି ସ୍ଥିତିରେ କ୍ଷମତାସୀନ ବିଜେଡିର ନିଜସ୍ୱ ଅଫିସ ବ୍ରହ୍ମପୁରରେ କାହିଁକି ନିର୍ମିତ ହେଉନି ତାହା ପ୍ରଶ୍ନବାଚୀ ହୋଇଛି। ଦଳର ନେତାମାନେ ଉଦ୍ୟମ କରୁ ନ ଥିବା ପୁରୁଖା କର୍ମୀ କଟାକ୍ଷ କରୁଛନ୍ତି। ଜମି ଅଧିଗ୍ରହଣ କରି ଜିଲା କାର୍ଯ୍ୟାଳୟ ନିର୍ମାଣ କରାଯିବାକୁ କର୍ମୀ ଗୁରୁତ୍ୱ ଦେଉଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଜଗନ୍ନାଥପ୍ରସାଦ,୧୧।୭(ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ଥାନା ନୂଆ ଜିରାବାଡି ଗ୍ରାମ ନିକଟ ୨୧ ନମ୍ବର ରାଜ୍ୟ ରାଜପଥରେ ରବିବାର ଅପରାହ୍ନରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜିରାବାଡି ଗ୍ରାମର ଶ୍ରୀଧର ସେଠୀ। ଶ୍ରୀଧର ବାଇକ(ନଂ.ଓଡି୩୨ଇ୦୬୬୮)ଯୋଗେ ଘରକୁ ଫେରୁଥିବା ସମୟରେ ବାଇକ ଭାରସାମ୍ୟ ହରାଇ ବିପରୀତ ଦିଗରୁ ଆସୁଥିବା ହାଇୱା (ନଂ.ଓଡି୩୨-୫୭୦୧)ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଶ୍ରୀଧରଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ପୋଲିସ ଜବତ କରିଛି। ହାଇୱା ଡ୍ରାଇଭର ଘଟଣାସ୍ଥଳରୁ ଫେରାର ଅଛି।

### ଖବରଦାତାଙ୍କ ସ୍ମୃତିରେ ରକ୍ତଦାନ ଶିବିର



**ହିଞ୍ଜିଳିକାଟୁ,୧୧।୭(ଡି.ଏନ.ଏ.):** କରୋନାରେ ମୃତ ଖବରଦାତା ପ୍ରିୟଦର୍ଶୀ ପଟ୍ଟନାୟକଙ୍କ ପ୍ରଥମ ତିରୋଧାନ ଦିବସରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହିଞ୍ଜିଳିକାଟୁ ନେତାଜୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହାକୁ ବ୍ଲକ ଅଧକ୍ଷ ଏନ. ରଘୁନାଥ, ହିଞ୍ଜିଳିକାଟୁ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ଜେନା, ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାସ, ହିଞ୍ଜିଳି ବିଜେଡି ନଗର ସଭାପତି ଭୀମସେନ ବେହେରା, ପୂର୍ବତନ ବିଧାୟକ ହରିହର ସାହୁ, ନଗର ଯୁବ ସଭାପତି ସଂଜୟ କୁମାର ପଣ୍ଡା, ପୂର୍ବତନ ଉପାଧକ୍ଷ ସୁବାସ ଚନ୍ଦ୍ର ପୋଲାଇ, ପୂର୍ବତନ ଉପାଧକ୍ଷ ପିତ୍ର ମୋହନ ପାଣିଗ୍ରାହୀ, ବିଜେପିର ବରିଷ୍ଠ ନେତା ଦେବାନନ୍ଦ ମହାପାତ୍ର, ପୂର୍ବତନ ଅଧକ୍ଷ ଶିବରାମ ଗୌଡ଼, ଆସିକା ଏମ୍‌ପିଙ୍କ ପ୍ରତିନିଧି ନିଳମଣୀ ପଟ୍ଟନାୟକ, ସମାଜିକ କର୍ମୀ ସସ୍ମିତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ଦିବଙ୍ଗତ ସାମ୍ବାଦିକଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ରକ୍ତଦାନ ଶିବିରରେ ମୋଟ ୪୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

### ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ମେଳା

**ଗୋପାଳପୁର,୧୧।୭:** ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଭର୍ଚୁଆଲରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରଙ୍ଗେଇଲୁଣ୍ଡା ବିଇଓଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ୪୮ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ୨୫ ପ୍ରକଳ୍ପର ପୂର୍ବରୁ ଭିଡିଓ ରେକର୍ଡିଂ କରି ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥାପନା କରିଥିଲେ। ସେଗୁଡିକର ବିଚାରପତିମାନେ ଦେଖିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ପ୍ରଭାତୀ କୁମାରୀ ମହାପାତ୍ର ଅଧକ୍ଷତା କରିଥିବା ବେଳେ ବିଚାରପତି ଭାବେ ରାମନାରାୟଣ ଡିଗ୍ରୀ କଲେଜର ଅଧାପିକା ଡ.ଉଷା ରାଣୀ ବ୍ରହ୍ମା ଓ ସିଟି କଲେଜର ରିଡର ଡ.ଦିଲୀପ କୁମାର ପାତ୍ର ଯୋଗ ଦେଇଥିଲେ। ଜିଲାସ୍ତରୀୟ ଉକ୍ତ ମେଳାକୁ ୫ଟି ପ୍ରକଳ୍ପ ମନୋନିତ କରିଥିବା ଜଣାପଡିଛି। ଏହି ଅବସରରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ରଥ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଆମ୍ବସାହିରେ ପାନୀୟ ଜଳ ସମସ୍ୟା

**ଖଜୁରିପଡ଼ା/ବଲସକୁମ୍ପା, ୧୧।୭(ଡି.ଏନ୍.ଏ.)**

ବୈଶାଖ ମାସର ପ୍ରକୋପ ଖରାରେ କୂଅ ଶୁଖିଯାଇଛି। ନଳକୂପ ଖରାପ ହେବା ଦିନରୁ ପିଇବା ପାଣି ଟୋପାଏ ପାଇଁ ପ୍ରତିଦିନ ବାଲି ଚୁଆ ଖୋଳିବାକୁ ପଡୁଛି। ପାଣି ପାଇଁ ପିଲାସାଲୁଙ୍କି ଡ୍ୟାମ୍ ହିଁ ଏକମାତ୍ର ଭରସା। ଏହି ପାଣିରେ ଗାଧୋଇବା, ଲୁଗା ସଫା କରିବା ଏବଂ ସେହି ପାଣିକୁ ଆଣି ଘରେ ରୋଷେଇ ଓ ପାନୀୟ ଜଳ ଭାବେ ବ୍ୟବହାର କରାଯାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ଗ୍ରାମ ପଞ୍ଚାୟତ ଅଧୀନ ଛନ୍ଦୁରୁ ପଦର (ଆମ୍ବସାହି) ଗାଁରେ। ଏହି ଗ୍ରାମରେ ବାସ କରୁଥିବା ଲୋକମାନେ ପିଇବା ପାଣି ସମସ୍ୟାକୁ ନେଇ ଅନେକ ଥର ପଞ୍ଚାୟତରେ ଅଭିଯୋଗ କରିଛନ୍ତି। କିନ୍ତୁ ପାନୀୟ ଜଳ ସମସ୍ୟା ସମାଧାନ କରାଯିବ ବୋଲି କେବଳ ପ୍ରତିଶ୍ରୁତି ମିଳିଛି।



ପିଲାସାଲୁଙ୍କି ଡ୍ୟାମ୍‌ରୁ ପାଣି ସଂଗ୍ରହ କରୁଛନ୍ତି ମହିଳା।

ଅନ୍ୟପକ୍ଷରେ ସରକାର ପାନୀୟ ଜଳ ସମସ୍ୟା ସମାଧାନ କରିବା ପାଇଁ ଗାଁ ଗାଁରେ ବସୁଧା ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାଣି ଟାଙ୍କି ନିର୍ମାଣ କରି ପ୍ରତି ଘରକୁ ପାଣି ଯୋଗାଇ ଦେଉଛନ୍ତି। ହେଲେ ଆମ୍ବସାହିରେ ବିଶୁଦ୍ଧ ଜଳ ପାଇଁ ଲୋକମାନେ ଡହଳ ବିକଳ ହେଉଛନ୍ତି। ତେଣୁ ଏଥିପ୍ରତି ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ହୋଇପଡ଼ିଛି।

# ଖେଳ ପଡ଼ିଆକୁ ନେଇ ବିବାଦ

## ଏସ୍‌ପିଙ୍କୁ ଭେଟିଲେ ଗ୍ରାମବାସୀ

**ଫୁଲବାଣୀ ଅଫିସ, ୧୧।୭**

କନ୍ଧମାଳ ଜିଲା ଖଜୁରୀପଡା ଥାନା ଦଳପଡା ପଞ୍ଚାୟତ ଝାମ୍ପି ଗ୍ରାମର ଏକ ଖେଳ ପଡିଆକୁ ନେଇ ବିବାଦ ଦେଖାଦେଇଛି । ଗ୍ରାମର ଜଣେ ବ୍ୟକ୍ତି ସର୍ବସାଧାରଣ ଖେଳପଡିଆକୁ ଅକ୍ତିଆରେ ରଖିଛନ୍ତି। ଏ ନେଇ ଖଜୁରିପଡା ଥାନାରେ ଏତଲା ଦେଲେ ବି ଥାନାଧିକାରୀ ଗ୍ରହଣ କରୁନାହାନ୍ତି। ତେଣୁ ରବିବାର ଗ୍ରାମବାସୀ ଏ ସଂକ୍ରାନ୍ତରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମର ଯୁବକମାନେ ଦୀର୍ଘ ୨୫ ବର୍ଷ ଧରି ଏକ ଖେଳ ପଡିଆକୁ ବ୍ୟବହାର କରି ଆସୁଥିଲେ । କିନ୍ତୁ ଗତ ମାସ ୨୦ ତାରିଖରେ ଗ୍ରାମର ଦଶରଥ ବେହେରା ଜୋର ଜବରଦସ୍ତ ଏହି ପଡିଆରେ ଟ୍ରାକ୍ଟର ଚଳାଇ ଚାଷ ଆରମ୍ଭ କରିଥିଲେ । ଏ ବିଷୟରେ ଗ୍ରାମବାସୀ ଆର ନୂଆଗାଁ ରାଜସ୍ୱ ନୀରିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଜମିର ମାପ ହୋଇଥିଲା । ସେଠାରେ ଦଶରଥଙ୍କ କୌଣସି ଜାଗା ନ ଥିବା ଜଣାପଡିଥିଲା । ଯୁବକ ମାନେ ସେଠାରେ ପୁଣି ଖେଳାଖେଳି ଆରମ୍ଭ କରିଥିଲେ । ଗତ ୮ ତାରିଖରେ ଦଶରଥ ଆସି ଖେଳୁଥିବା ଯୁବକମାନଙ୍କୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ । ତହସିଲଦାରଙ୍କ ଦ୍ୱାରା ଜମିରେ ପୋତା ଯାଇଥିବା ଖୁଣ୍ଟିଗୁଡିକୁ ବ୍ୟକ୍ତି ଜଣକ ଓପାଡି ଫିଙ୍ଗି ଦେଇଥିଲେ ଖଜୁରୀପଡା ଥାନାରେ ଏତାଲା ଦେଇଥିଲେ। ପୋଲିସ ଅଭିଯୋଗ ଗ୍ରହଣ କରିବା ପରିବର୍ତ୍ତେ ସେମାନଙ୍କୁ ଦୁର୍ବ୍ୟବହାର କରିଛି ବୋଲି ଗ୍ରାମବାସୀ ଏସ୍‌ପିଙ୍କୁ କହିଛନ୍ତି। ଘଟଣାର ତଦନ୍ତ ହେବ ବୋଲି ଏସ୍‌ପି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

### ଜନତା ଦଳର ପୂର୍ବତନ ସଭାପତିଙ୍କ ପରଲୋକ

**ବାଲିଗୁଡା,୧୧।୭.(ଡି.ଏନ.ଏ.)**

ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ଜନତା ଦଳର ସଭାପତି ସଦାଶିବ ପାତ୍ର(୬୬)ଙ୍କ ଶନିବାର ରାତିରେ ସ୍ଥାନୀୟ ନୂଆସାହିସ୍ଥିତ ନିଜ ବାସ ଭବନରେ ପରଲୋକ ଘଟିଛି। କିଛିଦିନ ହେବ ସେ ମଧୁମେହ ରୋଗରେ ପୀଡିତ ଥିଲେ। ସଦାଶିବ ନିଜର ଦକ୍ଷ ରାଜନୀତି ଯୋଗୁ ୧୯୮୯- ୯୦ରେ ବିଧାୟକ ଏବଂ ଏମ୍‌ପି ସିଟ୍ ଜିତିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ସମଗ୍ର ନିର୍ବାଚନ ମଣ୍ଡଳୀରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ଲୋକ ଉପସ୍ଥିତ ଥିଲେ। ତାଙ୍କର ଶେଷ ଦର୍ଶନ ପାଇଁ ବହୁ ରାଜନେତା ଏବଂ ଗ୍ରାମବାସୀଙ୍କ ସମାଗମ ହୋଇଥିଲା।

# ମନ୍ତ୍ରୀଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ଭଞ୍ଜନଗର, ୧୧।୭ (ଡି.ଏନ.ଏ)**

ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରବିବାର ସ୍ଥାନୀୟ ବନ ବିଭାଗ ଡାକବଙ୍ଗଳା ପରିସରରେ ଭଞ୍ଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୦ ତାରିଖରେ ଭଞ୍ଜନଗର ସହରର ବିଭିନ୍ନ ମେଗା ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଛି। କଲେଜ ରୋଡ଼ରେ ହୋଇଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ନିଜସ୍ୱ କୋଠା ଉଦ୍‌ଘାଟନ ଅପେକ୍ଷାରେ ଥିବା ବେଳେ ସଂପ୍ରସାରଣ କାର୍ଯ୍ୟ ସରିଥିବା ଭଞ୍ଜନଗର ବସ୍‌ଷ୍ଟାଣ୍ଡକୁ ମଧ ଉକ୍ତ ଦିନ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। ଅନ୍ୟପକ୍ଷରେ ଭଞ୍ଜନଗର ମେଡ଼ିକାଲ ପରିସରରେ ହୋଇଥିବା ଶୌଚାଳୟକୁ ଭାଙ୍ଗି ସେଠାରେ ପ୍ରାୟ ୨୫ ଲକ୍ଷ ଟଙ୍କା ବ୍ୟୟରେ ସମସ୍ତ ସୁବିଧା ଥିବା ନୂଆ ଶୌଚାଳୟ ନିର୍ମାଣ ହେବ। ଭଞ୍ଜନଗର ପଞ୍ଚାୟତ ସମିତି ପକ୍ଷରୁ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟକୁ ଲାଗି ଏକ କଲ୍ୟାଣ ମଣ୍ଡପ ନିର୍ମାଣ ହେବ । ଡୁମାକୁମ୍ପା ଏବଂ ଡ଼ିହପଡ଼ାଳରେ ୬୦ ଲକ୍ଷ ଟଙ୍କା ବ୍ୟୟରେ ୨ଟି କଲ୍ୟାଣ ମଣ୍ଡପ ନିର୍ମାଣ ହେବ । ସେହିପରି ମୁଦୁଲିପଲ୍ଲୀ ପଞ୍ଚାୟତର ନିଜସ୍ୱ କୋଠା ଉଦ୍‌ଘାଟନ କରାଯିବାକୁ ଅଛି। ହେଲେ ଏଥିପାଇଁ ତାରିଖ ଧାର୍ଯ୍ୟ ହୋଇନାହିଁ। ଆଗକୁ ଭଞ୍ଜନଗର ସହରରେ ନିର୍ମାଣ ହେବାକୁ ଥିବା ଇନ୍‌ଡୋର ଷ୍ଟାଡ଼ିୟମ, ସହରର ୪ ପ୍ରମୁଖ ରାସ୍ତାରେ ସ୍ୱାଗତ ବୋର୍ଡ଼ ଆଦି କିଭଳି ହେବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ସୋମବାର ମୁଜାଗଡ଼, ଗୁଣ୍ଡ୍ରିବାଡ଼ି, ଦଦରାଲୁଣ୍ଡା, ସାନକୋଦଣ୍ଡା ପଞ୍ଚାୟତରେ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉଦ୍‌ଘାଟନ କରାଯିବା କାର୍ଯ୍ୟକ୍ରମ ରହିଛି। ବୈଠକରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଏନଏସି ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବକର, ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଏହାପୂର୍ବରୁ ମନ୍ତ୍ରୀଙ୍କ ସହ ହୋଇଥିବା ବୈଠକରେ ବିଡ଼ିଓ ଅନିଲ କୁମାର ସେଠୀ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ରମେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।



ଉଦ୍‌ଘାଟନ ଅପେକ୍ଷାରେ ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ।

# ୨ ନାବାଳିକା ଅପହରଣ ମାମଲା, ୩ ଗିରଫ

**ପାରଳାଖେମୁଣ୍ଡି,୧୧।୭(ଡି.ଏନ୍.ଏ.)**

ଗଜପତି ଜିଲାରେ ୨ ନାବାଳିକା ଅପହରଣ ମାମଲାରେ ପୋଲିସ ରବିବାର ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୋହନା ଥାନା ଅଞ୍ଚଳର ଦୀପକ ନାୟକ, ଅଡ଼ବା ଥାନା ଅଞ୍ଚଳର ସାରୁଖାନ ପାଲ ଓ ସନତ ଛୁଆଳସିଂ। ପ୍ରକାଶ ଯେ, ଗତ ୧୭ ତାରିଖରେ ମୋହନା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୀପକ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଗତ ୨୩ ତାରିଖରେ ମୋହନା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଉକ୍ତ ମାମଲାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ କରି ସାନଖଣି ଗ୍ରାମ୍ୟ ଶିଶୁ ସୁରକ୍ଷା ମଞ୍ଚ ପକ୍ଷରୁ ୯ ତାରିଖରେ ବଡଖଣି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ରବିବାର ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ରାୟଗଡ଼ା ଜିଲା ପଦ୍ମପୁର ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।
ସେହିପରି ଗତ ୮ ତାରିଖରେ ଅଡ଼ବା ଥାନା ଅଞ୍ଚଳର ନାବାଳିକା ଜଣକ ନିଜ ମାଉସୀଙ୍କ ସହ ବଜାରକୁ ଯାଇଥିଲେ। ସେଠାରେ ସାରୁଖାନ ଏକ ବୋଲେରୋ ଯୋଗେ ତାଙ୍କୁ ଅପହରଣ କରି ନେଇଥିଲେ । ଏ ନେଇ ନାବାଳିକାଙ୍କ ଆଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ . ୭୩/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଗାଡ଼ି ଚାଳକ ଛୁଆଳସିଂଙ୍କ ଓ ସାରୁଖାନଙ୍କୁ ଗିରଫ କରିଥିଲା। ଅପହରଣରେ ବ୍ୟବହୃତ ଗାଡ଼ି ଜବତ କରାଯାଇଛି। ଉଭୟ ନାବାଳିକାଙ୍କୁ ଡାକ୍ତରୀ ମାଇନ କରି ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।


**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/21-22/E-Tender/34,ତା.08.07.2021ରିଖ

ଟେଣ୍ଡର ସଂ.e-tender-southkur-87-2021,ତା.02.07.2021ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଅରଗୁଲ(ARGL) ପିଏଚ୍, ଧଉଳିମୁହାଣ(DLMH) ପିଏଚ୍, ଗୋଲାବାଇ (GLBA) ପିଏଚ୍, ମୁକ୍ତେଶ୍ୱର (MKTP) ପିଏଚ୍ ଏବଂ ସୋଲାରୀ(SLZ) ପିଏଚ୍ ଷ୍ଟେସନଗୁଡ଼ିକ ଠାରେ ପ୍ରଥମ ଫୁଟ୍ ଓଭର ବ୍ରିଜ୍ (FOB) ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 465.28 ଲକ୍ଷ, ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.07.2021 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-210/M/21-22


# ତାଲିମ ନେଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ଛାପା ଗଣମାଧ୍ୟମ ଉପରେ ତାଲିମ ନେଉଛନ୍ତି ।

**ଭଞ୍ଜନଗର,୧୧।୭(ଡି.ଏନ.ଏ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଶେଷବର୍ଷ ଛାତ୍ରୀଛାତ୍ର ଇଣ୍ଟର୍ନସିପ୍ ପାଇଁ ବିଭିନ୍ନ ପ୍ରେସ୍‌ରେ ଛାପା ଗଣମାଧ୍ୟମ, ଭିଡ଼ିଓ ଏଡ଼ିଟିଂ ଉପରେ ତାଲିମ ନେଉଛନ୍ତି । ସ୍ଥାନୀୟ ସିଆର ଗ୍ରାଫିକ୍ସରେ କେତେଜଣ ଛାତ୍ରୀଛାତ୍ର ଛାପା ଗଣମାଧ୍ୟମ ଉପରେ ତାଲିମ ନେଉଛନ୍ତି । ଇର୍ଣ୍ଟନସିପ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଗଣମାଧ୍ୟମ ଉପରେ ଅଧିକ ଜ୍ଞାନ ବୃଦ୍ଧିରେ ସହାୟ ହେଉଛି । କରୋନା ପାଇଁ ଚଳିତ ବର୍ଷ ଛାତ୍ରୀଛାତ୍ର ମାନେ ସହର ବାହାରକୁ ତାଲିମ ନେବାକୁ ଯାଇପାରିନାହାନ୍ତି ।

# ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଅଟକ

**ବୁଗୁଡ଼ା,୧୧।୭(ଡି.ଏନ୍.ଏ)**

ବୁଗୁଡ଼ା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ରବିବାର ବଳାତ୍କାର ଉଦ୍ୟମ କରାଯାଇଛି। ଏଥିରେ ବିଫଳ ହେବାରୁ ଅଭିଯୁକ୍ତ ଯୁବକ ଠେଙ୍ଗାରେ ଆକ୍ରମଣ କରି ମହିଳାଙ୍କ ମୁଣ୍ଡ ଫଟାଇ ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ମହିଳାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ମହିଳା ଜଣକ ଗର୍ଭବତୀ ଥିବାରୁ ୩ ମାସ ହେଲା ବାପ ଘରେ ରହୁଥିଲେ। ସେଠାରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ରବିବାର ସନ୍ଧ୍ୟାରେ ମହିଳାଙ୍କ ବିଧବା ମା' ବିଲକୁ ଯାଇଥିଲେ। ମହିଳା ଏକୁଟିଆ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।


**ODISHA JOINT ENTRANCE EXAMINATION-2021 (OJEE-2021)**

No: OJEE / 230 DATE : 09.07.2021

**NOTICE REGARDING EXTENSION OF LAST DATE OF APPLICATION**

No.h-11:-

The revised dates of the Odisha Joint Entrance Examination (OJEE – 2021) will be notified, on assessment of the situation, in another two weeks. Meanwhile, the last date for submission of online application forms for all the courses (Except B.Tech.) under OJEE 2021, which started with effect from 14.04.2021 and has been extended a number of times, is again extended up to 26.07.2021 (11.59 P.M.) and last date for fee payment up to 28.07.2021 (11.59 P.M.).

The interested candidates may kindly note that these dates are final and there will not be any more extension of these dates.

**Sd./- CHAIRMAN, OJEE**
**Odisha**

OIPR-14020/11/0005/2122


# ବାଘଶଳା ବଜାର ରାସ୍ତାରେ ଜମିଛି ପାଣି

**ଗୋଷାଣୀ,୧୧।୭**

ଗୋଷାଣୀ ବ୍ଲକ ବାଘଶଳା ବଜାର ଛକ ରାସ୍ତା ଉପରେ ପାଣି ଜମି ରହିଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାତମାଇଲ ଛକଠାରୁ ସରଧାପୁର ବ୍ରିଜ ପର୍ଯ୍ୟନ୍ତ ପ୍ରାୟ ୮ ମାସ ତଳେ ଆରଡି ବିଭାଗ ପକ୍ଷରୁ ଉକ୍ତ ରାସ୍ତା ନିର୍ମାଣ ହୋଇଥିଲା। ଏଥିସହିତ ବାଘଶଳାରେ ଦୁଇ ପଟ ଡ୍ରେନ୍ ମଧ ନିର୍ମାଣ କରାଯାଇଥିଲା। କିନ୍ତୁ ରାସ୍ତା ଓ ଡ୍ରେନ୍ ଉଚ୍ଚ ହୋଇଯିବା ଦ୍ୱାରା ବାଘଶଳାଠାରୁ ଭିନଳା ଯିବା ରାସ୍ତା (ବାଘଶଳା ବଜାର ଛକଠାରୁ ଆରମ୍ଭ ରାସ୍ତା)ରେ ଅସରାଏ ବର୍ଷା ହେଲେ ପାଣି ଜମି ରହୁଛି। ବର୍ଷା ପାଣି ଜମି ରହୁଥିବାରୁ ସେଠାରେ ମଶାମାଛି ବଢୁଥିବା ବେଳେ ଦୁର୍ଗନ୍ଧ ହେଉଛି। ଏ ନେଇ ଅଗରଖଣ୍ଡି ପଞ୍ଚାୟତର ସମିତିସଭ୍ୟ, ସାମାଜିକ କର୍ମୀ ଚନ୍ଦ୍ରଶେଖର, ସ୍ଥାନୀୟ ଜନସାଧାରଣ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ରାସ୍ତା ନିର୍ମାଣ ସମୟରେ ବସୁଧା ପାଣି ପାଇପଗୁଡ଼ିକୁ ନଷ୍ଟ ହୋଇଯିବାରୁ ୮ ମାସ ହେଲା ବାଘଶଳାବାସୀ ପାଣି ନ ପାଇ ନଦୀ ପାଣି ବ୍ୟବହାର କରୁଛନ୍ତି। ଏଥିସହ ପାଣି ଜମିଥିବା ରାସ୍ତାରେ ଯାତାୟାତରେ ଅସୁବିଧା ହେଉଥିବା ବେଳେ ଛୋଟ ବଡ଼ ବହୁ ଦୁର୍ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଘଶଳା ବଜାର ଛକରେ ଥିବା ହାଇମାକ୍ସ ଲାଇଟ୍ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ଲାଗି ପାରିଲା ନାହିଁ। ତେବେ ଉକ୍ତ ସମସ୍ୟାର ସମାଧାନ ନ ହେଲେ ବାଘଶଳାବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ରାସ୍ତାରେ ଜମିଥିବା ପାଣି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GALAXY TOWER COMPANY**
ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
7589604782
8004034927

**»»ଚମତ୍କାରକୁ ନମସ୍କାର««**
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଆଥାନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଲୀ
9520764524

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୨ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

